Sankha Bhawan
Plot No. 798, Unit - VI
Bhubaneswar - 751001, Odisha

BJD

Ph : 0674-2393464, 2395979
email : bijujanatadal@gmail.com

# BIJU JANATA DAL

<u>ପ୍ରେସ୍ ବିଜ୍ଞପ୍ତି</u>

# ବିଏସକେୱାଇକୁ ବନ୍ଦ ପାଇଁ ଷଡଯନ୍ତ୍ର କରୁଛନ୍ତି ଧର୍ମେନ୍ଦ୍ର: ବିଜେଡି

- ଗରିବ ଲୋକଙ୍କ ଚିକିତ୍ସା ସୁବିଧା ଛଡାଇ ନେବାକୁ ମସୁଧା
- ନିଜ ବିଫଳତା ଲୁଚାଇବାକୁ ମିଛ କହୁଛନ୍ତି
- ଏନ୍‌ଏଚ୍‌-୫୫ ରାସ୍ତା କାମଟି ମଧ୍ୟ ସାରିପାରିଲେ ନାହିଁ
- ଲୋକ ଲଜ୍ଜାରୁ ବଞ୍ଚିବା ପାଇଁ ଏବେ ତୁଚ୍ଛା ଭାଷଣ ମାରୁଛନ୍ତି

**ଭୁବନେଶ୍ୱର, ୧୩/୦୪/୨୦୨୪:** ଦଶ ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ ମଧ୍ୟ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କର ଓଡିଶା ପାଇଁ ଅବଦାନ ଶୂନ । ସାରା ରାଜ୍ୟ କଥା ଛାଡନ୍ତୁ, ନିଜ ଅଞ୍ଚଳ ପାଇଁ କଣ କରିଛନ୍ତି, ତାର ହିସାବ ଦେବାକୁ ସେ ପଛଘୁଞ୍ଚା ଦିଅନ୍ତି । ଆଉ ଏବେ ନିଜର ବିଫଳତାକୁ ଲୁଚାଇବାକୁ ସେ ମିଛ କହିବା ଆରମ୍ଭ କରିଛନ୍ତି, ଯାହା ତାଙ୍କ ମୁହଁରେ ଆଦୌ ଶୋଭାପାଉନାହିଁ ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର ।

ଡକ୍ଟର ପାତ୍ର ଆଜି ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ସାରା ଦେଶରେ ବିଏସକେୱାଇ ଏକ ଶ୍ରେଷ୍ଠ ଯୋଜନା । ଏଥିରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଓ ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଛି । ଅନ୍ୟ କୌଣସି ରାଜ୍ୟରେ ଏଭଳି ସୁବିଧା ନାହିଁ । ହେଲେ ଏହାକୁ ବନ୍ଦ କରିବାକୁ ଶ୍ରୀଯୁକ୍ତ ପ୍ରଧାନ ରୀତିମତ ଷଡଯନ୍ତ୍ର ଚଳାଇଛନ୍ତି । ସାଧାରଣ ଗରିବ ଲୋକଟିଏ ମାଗଣାରେ ଚିକିତ୍ସା ପାଇଲେ ଶ୍ରୀଯୁକ୍ତ ପ୍ରଧାନଙ୍କୁ କାହିଁକି କଷ୍ଟ ହେଉଛି ବୋଲି ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି ।

ଶ୍ରୀଯୁକ୍ତ ପ୍ରଧାନ ଯଦି ଭାବୁଛନ୍ତି ବିଏସକେୱାଇ ଯୋଜନା ଓଡିଶାବାସୀଙ୍କ ପାଇଁ ଖରାପ ତେବେ ସେ ନିଜ ଦଳର ଇସ୍ତାହାରରେ ୧ ନମ୍ବର ପଏଣ୍ଟରେ କୁହନ୍ତୁ, ଏହି ଯୋଜନାକୁ ବନ୍ଦ କରିଦେବେ । ଥରେ ଏହି ପ୍ରତିଶ୍ରୁତି ଦେଇ ଦେଖନ୍ତୁ, ଓଡ଼ିଶାବାସୀ ତାହାର ଉଚିତ ଜବାବ ଦେଇଦେବେ ।

କେନ୍ଦ୍ରରେ ୧୦ ବର୍ଷ ମନ୍ତ୍ରୀ ଥାଇ ମଧ୍ୟ ନିଜ ଅଞ୍ଚଳ ଦେଇ ଯାଇଥିବା ଏନଏଚ-୫୫ର କାମ ସାରି ପାରିଲେ ନାହିଁ । ଆମେ ଆଶା କରୁଛୁ ଆଜି ସେହି ରାସ୍ତା ଦେଇ ଶ୍ରୀଯୁକ୍ତ ପ୍ରଧାନ ଯାଇଥିବେ ଏବଂ ନିଜର ବିଫଳତାକୁ ଅନୁଭବ କରିଥିବେ । ଏହି ରାଜପଥରେ ପ୍ରତିଦିନ ଲୋକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ଓ ଦୁର୍ଘଟଣାରେ ପ୍ରତି ବର୍ଷ ଶହ ଶହ ଲୋକ ପ୍ରାଣ ହରାଉଛନ୍ତି । ଯିଏ ସାମାନ୍ୟ ରାସ୍ତା କାମଟିଏ ସାରି ପାରିଲେ ନାହିଁ, ସେ ଏବେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ତୁଚ୍ଛା ଭାଷଣ ମାରୁଛନ୍ତି । ଶ୍ରୀଯୁକ୍ତ ପ୍ରଧାନଙ୍କୁ ଆମର ଅନୁରୋଧ ଦୟାକରି ବିଭ୍ରାନ୍ତିକର ତଥ୍ୟ ଦେଇ ଲୋକହସା ହେବାରୁ କ୍ଷାନ୍ତ ରୁହନ୍ତୁ ।

ଡଃ ପ୍ରିୟବ୍ରତ ମାଝୀ

**(ଡଃ ପ୍ରିୟବ୍ରତ ମାଝୀ)**
**ମୁଖପାତ୍ର, ବିଜୁ ଜନତା ଦଳ**